# Akashvani, Sambalpur

## SAMBALPURI NEWS EVENING BULLETIN

**23 October 2025- 7.02 pm- 7.12 pm.**

*********************************************

୧- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବାକାଏଲ୍ ୫୧ ହଜାର୍‌ନୁ ଅଏତ୍‌କା ପ୍ରାର୍ଥୀଙ୍କୁ ବାଂଟ୍‌ବେ ନିଯୁକ୍ତି ପତ୍ର ।

-ଭୁବନେଶ୍ୱର ନ ହେବାର୍‌କେ ଥିବା ନିଯୁକ୍ତି ମେଳାଥି ଯୋଗ୍ ଦେବେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ।

୨- ରାଏଜେ ବେଦାନ୍ତ ଗ୍ରୁପ୍ ତର୍‌ଫୁ ପାଖାପାଖି ୧ ଲାଖ୍ କୋଟି ଟଙ୍କାର୍ ହେବା ପୁଞ୍ଜିନିବେଶ୍ ।

-ମୁଖ୍ୟମନ୍ତ୍ରୀଙ୍କୁ ଭେଟିକରି ଆଲୋଚନା କଲେ ବେଦାନ୍ତ ଗ୍ରୁପ୍ ଅଧ୍ୟକ୍ଷ

୩- ନୂଆପଡ଼ା ବିଧାନ ସଭା ଉପନିର୍ବାଚନ ଲାଗି ଆଏବାକାଏଲ୍ ହଉଛେ ନାମାଙ୍କନପତ୍ର ପ୍ରତ୍ୟାହାରର୍ ଶେଷ୍ ଦିନ୍

ଆଉର୍

୪- ସ୍ମାର୍ଟ ଆଉ ସ୍ଥାୟୀ ସହରାଂଚଲ ନିର୍ମାଣ ଲକ୍ଷ୍ୟଥି ଭୁବନେଶ୍ୱର ନ ମୁଲ୍ ହେଲା ଦୁଇଦିନିଆ ସହରାଂଚଲ୍ ସମ୍ମିଳନୀ

ପ୍ରଧାନମନ୍ତ୍ରୀ-ନିଯୁକ୍ତିମେଳା                    ଏନ୍‌ଏସ୍‌ଡି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ୫୧ ହଜାର୍ ନୁ ଅଏତ୍‌କା ନୂଆ କରି ଚାକ୍‌ରି ପାଇଥିବା ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ବାଂଟ୍‌ବେ । ଇଥିର୍‌ଲାଗି ଦେଶର ୪୦ଟା ଜାଗାନ ନିଯୁକ୍ତିମେଳାର ଆୟୋଜନ୍ କରାଯାଇଛେ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆଭାସୀ ଜରିଏ ଇ ସବୁ ମେଳାଥି ପ୍ରାର୍ଥୀମାନ୍‌କୁ ନିଯୁକ୍ତିପତ୍ର ବାଂଟବାର୍ ସହେତେ ଉଦ୍‌ବୋଧନ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ଇ ଅବ୍‌ସରେ ଭୁବନେଶ୍ୱର ରେଲ୍ ଅଡିଟୋରିଅମ୍ ନ ହେବାର୍‌କେ ଥିବା ନିଯୁକ୍ତିମେଳାଥି କେନ୍ଦ୍ର ଆଦିବାସୀ ବ୍ୟାପାର  ମନ୍ତ୍ରୀ ଜୁଏଲ୍ ଓରାମ୍ ଯୋଗ୍ ଦେବେ । ଡାକ୍ ବିଭାଗ ସହେତେ କେନ୍ଦ୍ର ସରକାରଙ୍କ ଭିନ୍ ଭିନ୍ ବିଭାଗଥି ନୂଆକରି ଚାକ୍‌ରି ପାଇଥିବା ପ୍ରାର୍ଥୀମାନ୍‌କୁ ନିଯୁକ୍ତିପତ୍ର ବଂଟାଯିବା ।

ସେନ୍ତା କେନ୍ଦ୍ର ସୂଚନା ଆଉ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଏଲ୍ ମୁରୁଗନ୍ ଚେନ୍ନାଇ ନ ହେବାର୍‌କେ ଥିବା ନିଯୁକ୍ତିମେଳାଥି ଉପସ୍ଥିତ୍ ରହେବେ । କେନ୍ଦ୍ର ସ୍ୱାସ୍ଥ୍ୟ ଆଉ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ରାଓ ଯାଦବ ମଦୁରାଇ ନିଯୁକ୍ତିମେଳାଥି ଯୋଗ ଦେଇ କରି ନିଯୁକ୍ତିପତ୍ର ବାଂଟବେ ।

ମୁଖ୍ୟମନ୍ତ୍ରୀ-ବେଦାନ୍ତ ମୁଖ୍ୟ ସାକ୍ଷାତ୍କାର I&PR

ରାଏଜେ ଆଏବା ଦିନେ ବେଦାନ୍ତ ଗ୍ରୁପ୍ ତର୍ଫୁ ପାଖାପାଖି ୧ ଲାଖ୍ କୋଟି ଟଙ୍କା ପୁଞ୍ଜିନିବେଶ୍ କରାଯିବା । ଇତାର୍ ଜରିଏ ୧ ଲାଖ୍‌ନୁ ଅଏତ୍‌କା ନିଯୁକ୍ତି ସୁଯୋଗ୍ ସୃଷ୍ଟି ହେବା ବଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ତର୍ଫୁ ସୂଚ୍‌ନା ମିଲିଛେ । ଭୁବନେଶ୍ୱର ଲୋକ ସେବା ଭବନ୍ ନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଉ ବେଦାନ୍ତ ଗ୍ରୁପ୍‌ର ଅଧ୍ୟକ୍ଷ ଅନୀଲ ଅଗ୍ରୱାଲ୍‌ଙ୍କ ଭିତ୍‌ରେ ଆଏଜ୍ ହେଇଥିବା ଆଲୋଚନାଥି ଇ ବାବ୍‌ଦେ ନିଷ୍ପତି ନିଆଯାଇଛେ । ବୈଠକ୍‌ର ସୂଚ୍‌ନା ଅନ୍‌ସାରେ, ପୁର୍‌ଥିର୍ ମେଟାଲ୍ ଭେଲୁ ଚେନ୍‌ଥି ଓଡ଼ିଶାର୍ ଥିତିକେ ବର୍‌କସ୍ କର୍‌ବାର୍ ଲାଗି କେନ୍ଦୁଝର ଠାନେ ୨ ହଜାର କୋଟି ଟଙ୍କା ଖର୍ଚ୍ଚାଥି ଗୁଟେ ଅତ୍ୟାଧୁନିକ ଫରୋ-ଏଲ୍‌ଅଏ କାର୍‌ଖାନା ଥାପ୍‌ନା କରାଯିବା ।

ସେନ୍ତା ବେଦାନ୍ତ ତର୍ଫୁ ରାଏଜେ ନୂଆ ଆଲୁମିନିୟମ୍ ପାର୍କ ଥାପ୍‌ନା ହେବା । ଝାରସୁଗୁଡ଼ା ନ ଥିବା ଆଲୁମିନିୟମ୍ କାର୍‌ଖାନା ପାଖେ ଆଉ ଗୁଟେ ନୂଆ ଆଲୁମିନିୟମ୍ ପାର୍କ ଥାପ୍‌ନା କରାଯିବା । ଇତାର୍ ସଙ୍ଗେ ରାଜ୍ୟ ସରକାର ଓଡ଼ିଶାର୍ ଜେନ୍ ଜାଗାନ ଜମି ଦେବେ ସେନ ଆଉ ଗୁଟେ ଆଲୁମିନିୟମ୍ ପାର୍କ ଥାପ୍‌ନା କରାଯିବା ବଲି ସୂଚ୍‌ନା ମିଲିଛେ ।

ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ରାଜ୍ୟ ସରକାର ପ୍ରଧାନମନ୍ତ୍ରୀଙ୍କର ବିକଶିତ୍ ଭାରତ୍ ପରିକଳ୍ପନାର ସଫଲ୍ ରୁପାୟନ୍ ଲାଗି ପ୍ରତିଶ୍ରୁତିବଦ୍ଧ ଆନ୍ । ଭିତିଭୂମିର୍ ବିକାଶ ଆଉ ବେଦାନ୍ତ ବାଗିର୍ କମ୍ପାନିର୍ ପୁଞ୍ଜିବିନିଯୋଗ୍ ଜରିଏ ଓଡ଼ିଶା ସରକାର ଇ ଲକ୍ଷ୍ୟ ହାସଲ୍ କର୍‌ବେ । ବୈଠକ୍‌ଥି ମୁଖ୍ୟ ଶାସନ ସଚବି ମନୋଜ ଆହୁଜାଙ୍କର ସହେତେ ଅଲଗା ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଇସିଆଇ-ସମ୍ମିଳନୀ I&PR

ସାରାଦେଶେ ସ୍ୱତନ୍ତ୍ର ସଘନ ସଂଶୋଧନ-ଏସ୍ଆଇଆର୍ ବନାବାର୍‌କେ ନେଇକରି ଭାରତୀୟ ନିର୍ବାଚନ ଆୟୋଗ-ଇସିଆଇଙ୍କର ତର୍‌ଫୁ ନୂଆଦିଲ୍ଲୀ ନ ଚାଲିଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀମାନ୍‌କର ଦୁଇଦିନିଆ ସମ୍ମିଳନୀ ଆଏଜ୍ ଉଦ୍‌ଯାପିତ୍ ହେଇଯାଇଛେ । ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କର ଅଧ୍ୟକ୍ଷତାଥି ହେଇଥିବା ସମ୍ମିଳନୀଥି ଏସ୍ଆଇଆର୍‌କେ ନେଇକରି ସବୁ ରାଜ୍ୟ ଆଉ କେନ୍ଦ୍ରଶାସିତ ଅଂଚଲ୍‌ର ମୁଖ୍ୟ ନିର୍ବାଚନ ଅଧିକାରୀମାନ୍‌କର ତୟାରି ବାବ୍‌ଦେ ମୁଲ୍ୟାଙ୍କନ କରାଯାଇଛେ । ଯେତେ ଜଲ୍‌ଦି ସମ୍ଭବ୍ ଏସ୍ଆଇଆର୍

ଛୁଡ଼ାନ୍ତ କର୍‌ବାର୍‌କେ ନିର୍ବାଚନ ଆୟୁକ୍ତ ନିର୍ବାଚନ୍ ଅଧିକାରୀମାନ୍‌ଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।
ସମ୍ମିଳନୀଥି ଓଡ଼ିଶାର୍ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍. ଗୋପାଲନ୍, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ ମିଶ୍ର, ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଡକ୍ଟର ଲକ୍ଷ୍ମୀପ୍ରସାଦ ସାହୁ ପ୍ରମୁଖ ଯୋଗ୍ ଦେଇଛନ୍ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୬ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୭ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ଼ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ଆଏବା ଶୁକ୍ରବାର୍‌ତକ୍ ନିଜର୍ ମତାମତ୍ ଦେଇପାର୍‌ବେ ।

ଇଣ୍ଡିଆର ରୋଡ୍ କଂଗ୍ରେସ ଆର୍ଏନ୍ୟୁ/ ସମ୍ବଲପୁର

ଭୁବନେଶ୍ୱରଠାନେ ଇଣ୍ଡିଏନ୍ ରୋଡ୍ କଂଗ୍ରେସ-ଆଇଆର୍ସିର ୮୪ ନମ୍ବର ଅଧିବେଶନ ହେବା । ଇଥି କେନ୍ଦ୍ର ସଡ଼କ ଆଉ ପରିବହନ ମନ୍ତ୍ରୀ ନୀତୀନ ଗଡ଼୍କରି ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ଅଧିବେଶନଥି ରାସ୍ତା ତିଆରି, ପ୍ରଯୁକ୍ତି ବିଦ୍ୟା, ପର୍ଯ୍ୟଟନ୍, ଶିଳ୍ପ, ଖଣି, ହସ୍ତଶିଳ୍ପ, ହସ୍ତତନ୍ତ, କୃଷି ବାଗିର କ୍ଷେତ୍ରଥି ଓଡ଼ିଶାକେ ଗୁଟେ ଆଗ୍ଧାଡ଼ିର ରାଜ୍ୟ ଭାବେ ଉପସ୍ଥାପନ୍ କରାଯିବା । ଇତାର ପରିଚାଳନା ଲାଗି ୧୮ଟା କମିଟି ଗଠନ୍ କରାଯାଇଛେ । ଇଥି ସାରା ଦେଶ୍‌ନୁ ପାଖାପାଖି ୨ ହଜାର ଆଇଆର୍ସି ପ୍ରତିନିଧି ଇଥି ଯୋଗ୍ ଦେବେ । ଓଡ଼ିଶା ନ ୬ନମ୍ବର ଥର ଲାଗି ଆଇଆର୍ସିର ବାର୍ଷିକ ଅଧିବେଶନ ଆୟୋଜନ୍ କରାଯାଉଛେ । ଅଧିବେଶନ ଆଏବାମାସ ୭ନୁ ୧୦ ତାରିଖ୍ତକ୍ ହେବା ବଲି ଜନାପଡ଼ିଛେ ।

ଉପ ନିର୍ବାଚନ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ବିଧାନସଭା ଉପନିର୍ବାଚନ ଲାଗି ଆଏବାକାଏଲ୍ ହଉଛେ ନାମାଙ୍କନ ପତ୍ର ପ୍ରତ୍ୟାହାରର୍ ଶେଷ୍ ଦିନ୍ । ଦାଖଲ

ହେଇଥିବା ପ୍ରାର୍ଥିପତ୍ରମାନ୍‌କର ଯାଂଚ୍ ପ୍ରକ୍ରିୟା ଗଲାକାଏଲ୍ ଶେଷ୍ ହେଇଛେ । ନାମାଙ୍କନପତ୍ର ଦାଖଲ କରିଥିବା ୧୯ ଝନ୍‌ଙ୍କର ଭିତ୍‌ରୁ ୫ ଝନ୍‌କର ପ୍ରାର୍ଥିପତ୍ର ଖାରଜ୍ ହେଇଛେ । ଇହାଦେତକ୍ ୧୪ ଝନ୍ ପ୍ରାର୍ଥୀ ନିର୍ବାଚନୀ ମଇଦାନ୍‌ଥି ରହିଛନ୍ ।

(ଭଏସ୍ ଓଭର----ନୂଆପଡ଼ା ସମ୍ବାଦଦାତା)

ସେଆଡ଼େ ନିର୍ବାଚନ ତାରିଖ୍ ପାଖ୍‌କେ ଆସୁଥିଲା ବେଲ୍‌କେ ନୂଆପଡ଼ା ନ ରାଜନୈତିକ ଉଷ୍‌ନାକି ଭିଲ୍ ଜୋର୍‌ଦାର୍ ହେଇଯାଇଛେ । ପ୍ରାର୍ଥୀମାନେ ଭୋଟର୍‌ଙ୍କ ବିଶ୍ୱାସ ଜିତ୍‌ବାର୍ ଲାଗି ଜୋର୍‌ଦାର୍ ଚେରେଷ୍ଟା ଚଲେଇଛନ୍ । ନୂଆପଡ଼ା ଗସ୍ତଥି ଥିବା ବିଜେପି ରାଜ୍ୟ ସଭାପତିଙ୍କର ଉପସ୍ଥିତିଥି ଆଏଜ୍ ଦଲର୍ ଗୁଟେ ମିଶ୍ରଣ ପର୍ବ ହେଇଥିଲା । ସେଆଡ଼େ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ବଞ୍ଜାରୀ ଦେବୀ ମନ୍ଦିର ନ ଦେବୀଙ୍କୁ ପୂଜା କରି କରି ପ୍ରଚାର ଅଭିଯାନ୍ ମୁଲ୍ କରିଛନ୍ । କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କର ସହେତେ ଦଲୀୟ ନେତାମାନେ ଆଏଜ୍ ଗୁଟେ ସାମ୍ବାଦିକ୍ ସମ୍ମିଳନୀଥି ଲୁକ୍‌କର ବିଶ୍ୱାସ ଜିତ୍‌ବାର ଲାଗି ଚେରେଷ୍ଟା କରିଛନ୍ ।

ଓଡ଼ିଶା ସହରାଂଚଲ୍ ସମ୍ମିଳନୀ I&PR

ରାଜ୍ୟ ଗୃହନିର୍ମାଣ ଆଉ ନଗର ଉନ୍ନୟନ ବିଭାଗ୍ ତର୍ଫୁ ଭୁବନେଶ୍ୱରଠାନେ ଦୁଇଦିନିଆ ସହରାଂଚଲ୍ ସମ୍ମିଲନୀ ଉଦ୍‌ଘାଟିତ୍ ହେଇଛେ । ଇତାର୍ ଜରିଏ ଓଡ଼ିଶରର୍ ସହରମାନ୍‌କୁ ସ୍ମାର୍ଟ, ସମାବେଶୀ ଆଉ ସ୍ଥାୟୀ ସହରାଂଚଲ ଭବିଷ୍ୟତ୍ ଦିଗେ ଆଗ୍‌କେ ନେବାର୍‌କେ ଲକ୍ଷ୍ୟ ରଖାଯାଇଛେ । ରାଜ୍ୟ ସରକାରଙ୍କର ୨୦୩୬ ବିକଶିତ ଓଡ଼ିଶା ଆଉ ୨୦୪୭ ବିକଶିତ ଭାରତ ଲକ୍ଷ୍ୟ ହାସଲ୍ କର୍‌ବାର ଦିଗେ ଇ ସମ୍ମିଲନୀ ଗୁଟେ ରଣନୈତିକ୍ ପଦ୍‌କ୍ଷେପ୍ ବଲି କୁହାଯାଉଛେ । କାର୍ଯ୍ୟକ୍ରମ୍‌ଥି ବିଭାଗର୍ ପ୍ରମୁଖ ସଚିବ ଉଷା ପାଢ଼ୀ ଯୋଗ୍ ଦେଇକରି ରାଏଜେ ସହରାଂଚଲ୍ ବିକାଶ ରୋଡ୍‌ମେପ୍ ଆଉ ଭବିଷ୍ୟତ୍ ଲାଗି ତିଆର୍ ସହର ବନାବାର ଲାଗଜି ସହଯୋଗୀ ଶାସନ୍, ନାଗରିକ କୈନ୍ଦ୍ରିକ୍ ଯୋଜ୍‌ନା ଆଉ ବୈଷୟିକ୍ ଜ୍ଞାନ କୌଶଲ ଉପ୍‌ରେ ଜୋର୍ ଦେଇଛନ୍ ।

ମାର୍ଗଦର୍ଶିକା ପାଠ୍ୟକ୍ରମ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସରକାର ପ୍ରାଥମିକ ଶିକ୍ଷା କ୍ଷେତ୍ର୍‌ଥି ନୂଆ ପରୀକ୍ଷା ବ୍ୟବସ୍ଥା ଆଉ ମୂଲ୍ୟାଙ୍କର ପ୍ରକ୍ରିୟା ଲାଗୁ କରିଛନ୍ । ଜାତୀୟ ଶିକ୍ଷାନୀତି ୨୦୨୦ ଆଉ ଜାତୀୟ ପାଠ୍ୟକ୍ରମ ଢାଂଚା ୨୦୨୩ ଆଧାର୍‌ଥି ୫ ଆଉ ୮ ଶ୍ରେଣୀ ବାର୍ଷିକ ପରୀକ୍ଷା ଆଉ

ମୂଲ୍ୟାଙ୍କନକେ ନେଇକରି ନୂଆ ମାର୍ଗଦର୍ଶିକା ଜାରି କରାଯାଇଛେ । ଛାତ୍ରଛାତ୍ରୀମାନ୍ଙ୍କୁ ଦକ୍ଷତା ଆଧାରିତ୍ ପରୀକ୍ଷା ଲାଗି ପ୍ରସ୍ତୁତି ଉପ୍ରେ ଇଥି ଜୋର୍ ଦିଆଯାଇଛେ । ପରୀକ୍ଷା ଢାଂଚା ଆଉ ମୂଲ୍ୟାଙ୍କନ ପ୍ରକ୍ରିୟା ଲାଗି ଜିଲ୍ଲା ଶିକ୍ଷା ତାଲିମ ପ୍ରତିଷ୍ଠାନ୍‌ର କର୍ମକର୍ତାମାନ୍ଙ୍କୁ ତାଲିମ୍ ଦିଆଯିବା ।

ମାର୍ଗଦର୍ଶିକା ଠିକ୍ ଭାବେ କାର୍ଯ୍ୟକାରୀ କର୍‌ବାର୍ ଲାଗି ଓଡ଼ିଶା ବିଶ୍ୱବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ କାର୍ଯ୍ୟକ୍ରମ୍-ଓସେପାକେ ଦାୟିତ୍ୱ ଦିଆଯାଇଛେ । ଜିଲ୍ଲାସ୍ତର ନ ପ୍ରଶ୍ନପତ୍ର ତିଆର ଲାଗି ଜିଲ୍ଲାପାଳଙ୍କର ଅଧ୍ୟକ୍ଷତାଥି ହେଇଥିବା ଜିଲ୍ଲାସ୍ତରୀୟ ତତ୍ୱାବଧାନ କମିଟି ତଦାରଖ୍ କର୍‌ବା ବଲି ମାର୍ଗଦର୍ଶିକାଥି କୁହାଯାଇଛେ ।

ଯମ ଦୁତିଆ            ପୁରୀ ସମ୍ବାଦଦାତା

କାର୍ତିକ ମାସ ଉଜଲ୍ ପଖର୍ ଦୁତିଆ ତିଥି ଅବ୍‌ସରେ ଆଏଜ୍ ଯମ ଦୁତିଆ ଆଉ ଭ୍ରାତୃ ଦୁତିଆ ପାଲନ୍ କରାଯାଇଛେ । ଭାଏର୍ ମଙ୍ଗଲ କାମ୍‌ନା କରି କରି ବୁହେନ୍‌ମାନେ ଇ ଅବ୍‌ସରେ ଯମଙ୍କର୍ ଆଶୀର୍ବାଦ୍ କାମ୍‌ନା କର୍‌ସନ । ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍ ଯମେଶ୍ୱର ମହାଦେବଙ୍କର ଦର୍ଶନ୍ ଲାଗି ଶ୍ରଦ୍ଧାଳୁମାନ୍‌କର ଜବର୍ ଭିଡ଼ ହେଇଛେ । ପରମ୍ପରା ଅନ୍‌ସାରେ ଯମ୍ ଦେବ୍‌ତାଙ୍କର ପୂଜା ଉତ୍‌ରୁ ଯମୁନାଙ୍କୁ ପୂଜା କର୍‌ବାର ବିଧି ରହିଛେ । ଇ ଦିବସ୍

ପାଲନ୍ ଅବ୍‌ସରେ ବୁହେନ୍‌ମାନେ ନିଜର ଭାଏମାନ୍‌କୁ ପୂଜା କରି କରି ଖାଏବାର୍ ଦରବ୍ ବନେଇକରି ଖୁଆବାର୍ ପରମ୍ପରା ରହିଛେ ।

ସାଇବର ସଚେତନତା କାର୍ଯ୍ୟକ୍ରମ ବଲାଙ୍ଗୀର ସମ୍ବାଦଦାତା

ବଲାଙ୍ଗୀର ଭୀମଭୋଇ ଭେଷଜ ମହାବିଦ୍ୟାଲୟ ଆଉ ଚିକିତ୍ସାଲୟ ନ ସାଇବର ସୁରକ୍ଷା ସଚେତନ୍‌ତା କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ଜିଲ୍ଲାପାଲ ଗୌରବ ଶିବାଜୀ ଇସଲ୍‌ୱାଲ୍ ଯୋଗ୍ ଦେଇକରି ସାଇବର ଠକ୍‌ମାନ୍‌କରନୁ ସତର୍କ ରହେବାର୍‌କେ ପରାମର୍ଶ ଦେଇଛନ୍ । ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ଅଭିଲାଷ ଜୀ ଭିଲ୍ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ଗୁଟେ ସଚେତନତା ରଥକେ ଜିଲ୍ଲାପାଲ ଆଉ ଏସ୍‌ପି ଶୁଭାରମ୍ଭ କରିଥିଲେ ।

ଖପ୍ରାଖୋଲ ନ ବାଘ ବଲାଙ୍ଗୀର ସମ୍ବାଦଦାତା

ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ୍ ବ୍ଲକ୍ ଗନ୍ଧମାର୍ଦ୍ଦନ୍ ପାହାଡ଼ ତଲେ କଲରାପତରିଆ ବାଘ୍ ଦେଖାଯିବାର୍‌ନୁ ଜଙ୍ଗଲ ପାଖେ ରହୁଥିବା ଲୁକେ ଡରିକରି ରହିଛନ୍ । ଜଙ୍ଗଲ ପାଖେ ହାତୀମାନେ ଭିଲ୍

ଥିବା ଜନାପଡ଼ିଛେ । ଖବର ପାଇକରି ବନବିଭାଗ୍ ତର୍ଫୁ ବାଘ ଆଉ ହାତୀମାନ୍କର ଗତିବିଧି ଉପ୍ରେ ନଜର ରଖାଯାଇଛେ । ଜଙ୍ଗଲୀ ଜନ୍ତୁଙ୍କରଠାନୁ ଧନ୍‌ଜୀବନ୍ ରକ୍ଷା କର୍‌ବାର ଲାଗି ବନବିଭାଗ୍ ତର୍ଫୁ ଡାକବାଜି ଯନ୍ତ୍ର ଜରିଏ ଲୁକ୍‌କୁ ସଚେତନ୍ କରାଯାଉଛେ ।

କୁଡ଼ୋ ପ୍ରତିଯୋଗିତା                ଆର୍‌ଏନ୍‌ୟୁ/ ସମ୍ବଲପୁର

ଗୁଜରାଟର ସୁରଟ୍‌ଠାନେ ଅନ୍ତର୍ଜାତୀୟ କୁଡୋ ସଂଘ ଭାରତୀୟ ଶାଖା ତର୍ଫୁ ଆଏବାକାଏଲ୍‌ଠାନୁ ୧୬ ନମ୍ବର ଜାତୀୟ କୁଡ଼ୋ ପ୍ରତିଯୋଗିତା ହେବା । ଇଥି ଓଡ଼ିଶାର୍ ୪୫ ଝନ୍ ପ୍ରତିଯୋଗୀ ଭାଗ୍ ନେଇଛନ୍ । ପ୍ରତିଯୋଗିତା ଆଏବା ୩୧ ତାରିଖ୍‌ତକ୍ ଚାଲ୍‌ବା ।

ଇ- ଚାଲାନ ବୈଠକ୍                ଆର୍‌ଏନ୍‌ୟୁ/ କଟକ

ଭିନ୍ ଭିନ୍ କୋର୍ଟନ ବିଚାରାଧିନ୍ ଥିବା ଇ-ଚାଲାନ ପ୍ରତ୍ୟାହାର କର୍‌ବାର ପଦ୍ଧତି ଆଉ ସରକାରଙ୍କୁ ସୁପାରିଶ୍ କର୍‌ବାର୍ ଲାଗି ଆଏବାକାଏଲ୍ ଗୁଟେ ବୈଠକ୍ ହେବା । ଆଇନ ବିଭାଗର ପ୍ରମୁଖ ସଚିବଙ୍କର ଅଧ୍ୟକ୍ଷତାଥି ଭୁବନେଶ୍ୱର ଲୋକ ସେବା ଭବନ୍ ନ

ହେବାର୍‌କେ ଥିବା ବୈଠକ୍‌ଥି ଧାରିଜ୍ ସମିଆ ଭିତ୍‌ରେ ସମାଧାନ୍ ନାଇ ହେଇପାରିଥିବା ଇ-ଚାଲାନ ବାବଦ୍ ମାମଲା ଉପ୍‌ରେ ଆଲୋଚନା କରାଯିବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଆଉ ତାର୍ ପାଖର୍ ଦକ୍ଷିଣ ଆଣ୍ଡାମାନ ସାଗର ନ ସୃଷ୍ଟି ହେଇଥିବା ସାମୁଦ୍ରିକ ଝଡ଼୍ ଆଗ୍‌କେ ବଢୁଛେ । ଇତାର୍ ବଲେ ଆଏବାକାଏଲ୍ ପକ୍ଷିଣ ପୂର୍ବ ଆଉ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ନ ଗୁଟେ ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେବା । ଇଟା ପଶ୍ଚିମ ଉତର-ପଶ୍ଚିମ ଦିଗ୍‌କେ ଗତ କର୍‌ବା । ଇତାର୍ ବଲେ ରାଜ୍ୟର କେତେଟା ଜାଗା ନ ଘଡ଼୍‌ଘଡ଼ି ସହେତେ ବର୍ଷା ହେଇପାରେ । ଇଥିର୍ ଲାଗି ଆଏବା ୨୪ ଘଂଟା ଭିତ୍‌ରେ କଲାହାଣ୍ଡି ସହେତେ ୧୨ଟା ଜିଲ୍ଲା ନ ଘଡ଼୍‌ଘଡ଼ି ସହେତେ ବର୍ଷା ହେଇପାରେ ବଲି ଭୁବନେଶ୍ୱର ଆଂଚଲିକ ପାଣିପାଗ ବିଜ୍ଞାନ କେନ୍ଦ୍ର ତରଫୁ ସତର୍କ କରାଯାଇଛେ ।